ଏପିସୋଡ ୨୨

# ଜଳବାୟୁ ପରିବର୍ତ୍ତନର ଶରଣାର୍ଥୀ

ମୂଳ ରଚନା: ଆର୍. ଏସ୍. ଯାଦବ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର  କୃଷ୍ଣ     ୫୦ବର୍ଷ (ପ୍ରିନ୍ସିପାଲ)

ପ୍ରଭା ୪୫ ବର୍ଷ       ସାମାଜିକ ବିଜ୍ଞାନ ଶିକ୍ଷିକା

ଜିତେନ୍ଦ୍ର   ୫୫ ବର୍ଷ       ପରିବେଶ ବିଜ୍ଞାନୀ

ରମେଶ   ୧୬ ବର୍ଷ       ସ୍କୁଲ ଛାତ୍ର

ମହେଶ   ୨୧ ବର୍ଷ       କଲେଜ ଛାତ୍ର

ସୋନି    ୧୭ ବର୍ଷ       ସ୍କୁଲ ଛାତ୍ରୀ

(ଘରର ପରିବେଶ, ଟିଭି ଚାଲିଛି, ରୋଷେଇ ଘରୁ ପ୍ରେସର କୁକର ଶବ୍ଦ)

ରମେଶ: ହେ ଭଗବାନ। ଏତେ ପଢ଼ା। ତା ଉପରେ ପୁଣି ମୋର ପ୍ରକଳ୍ପ କାମ। ସ୍କୁଲରେ ପୁଣି ବାର୍ଷିକ ତର୍କ ପ୍ରତିଯୋଗିତା ପାଖେଇ ଆସୁଛି। ଏଥର ମତେ ଯେମିତି ହେଉ ଜିତିବାକୁ ହେବ।

ପ୍ରଭା: ରମେଶ... ଆରେ ରମେଶ। କୋଉଠି ଅଛୁ? ତୋ ଖାଇବା ରହିଛି। ମୁଁ ତାକୁ ରୋଷେଇ ଘରେ ରଖି ଦେଇଛି। ଗତ ସପ୍ତାହରେ ତତେ କହୁଥିଲି ,

ବାର୍ଷିକ ତର୍କ ପ୍ରତିଯୋଗିତା ଆସିଗଲା। ତାରିଖ ଘୋଷଣା କରା ହେଲା। ତୁ ତୋ ସ୍କୁଲ ନୋଟିସ୍ ବୋର୍ଡରେ ତ ଦେଖିଥିବୁ।

ରମେଶ: ମା, ମୋ ସାଙ୍ଗ କିଛି କାଗଜ ଦେଇଥିଲା, ମୁଁ ତାକୁ ଖୋଜୁଛି।

ପ୍ରଭା: କୋଉ କାଗଜ? ମତେ ପଚାରୁନୁ। ମୁଁ ସେସବୁ କାଗଜ ତୋ ପଢ଼ାଘରେ ରଖି ଦେଇଛି।

ରମେଶ: ଓଃ ମା, ତମେ ମୋ କାଗଜ କାହିଁକି ଘାଣ୍ଟ? ମୁଁ ତମକୁ କେତେ ଥର କହିଛି, ମୋ କାଗଜ ଯେଉଠି ଅଛି ସେମିତି ଛାଡ଼ିଦେବ।

ପ୍ରଭା: ରମେଶ ତୁ ତୋର ସାମାଜିକ ବିଜ୍ଞାନରେ ପଢ଼ିଛୁ ଯେ ଶୃଙ୍ଖଳା ଏବଂ ବହିପତ୍ରର ଉଚିତ ଯତ୍ନ ନେବା ଜୀବନରେ ବହୁତ ଗୁରୁତ୍ୱପୂର୍ଣ୍ଣ । ବିଜେତାଙ୍କ ପାଇଁ ଏହା ପ୍ରଥମ ଆବଶ୍ୟକତା। ଏହା ଜୀବନର ସମସ୍ୟା ସମାଧାନ କରିବାରେ ସହଜ କରିବ।

ରମେଶ: ମା, ପୁଣି ଭାଷଣ ଦିଅନାହିଁ। ମୁଁ ଏମିତି ବି ବହୁତ ବ୍ୟସ୍ତରେ ଅଛି।

ପ୍ରଭା: ରମେଶ, ଆରାମରେ ଖୋଜ, ବ୍ୟସ୍ତ ହେବା ଦରକାର ନାହିଁ। ତୁ ତୋ ସ୍କୁଲରେ ବହୁତ ଭଲ କରୁଛୁ।

ରମେଶ: ହଉ ମା, ମୁଁ ତମ କଥା ବୁଝୁଛି। ମୋ ବହିଖାତା, କାଗଜପତ୍ର ସବୁ ଆଲମାରୀ ଭିତରେ ସଜାଡି ରଖି ଦେଇଥିବାରୁ ବହୁତ ଧନ୍ୟବାଦ।

ପ୍ରଭା: ଏବର୍ଷ ସ୍କୁଲ ତର୍କ ପ୍ରତିଯୋଗିତାରେ ମୂଳ ବିଷୟ କ 'ଣ ହେବ କହିପାରିବୁ? ନିଶ୍ଚିତ ଭାବରେ କିଛି ବର୍ତ୍ତମାନର ବିଷୟ ଉପରେ ଥିବ।

ରମେଶ: ହଁ ମା। ବିଷୟଟି ମୋ ପାଇଁ ନୂଆ, କିନ୍ତୁ ତମ ପାଇଁ କି ସ୍କୁଲ

ପ୍ରିନ୍ସିପାଲଙ୍କ ପାଇଁ ନୂଆ ହୋଇ ନ ଥାଇପାରେ। ସେଥିପାଇଁ ମୁଁ ମୋର ଖାତା ଖୋଜୁଛି। (କାଗଜ ଓଲଟାଇବାର ଶବ୍ଦ)

ପ୍ରଭା: ଆ ଖାଇବୁ।

ରମେଶ: ହଁ ମା ମୁଁ ଖାଇବି। ଏବର୍ଷର ବାର୍ଷିକ ତର୍କ ପ୍ରତିଯୋଗିତାର ବିଷୟ ହେଉଛି ବିଶ୍ୱ ଉଷ୍ମାୟନ ଏବଂ ଶରଣାର୍ଥୀ। ଆମ ଦିଦି କହୁଥିଲେ ବିଷୟଟି ନୂଆ, ବିଶ୍ୱର ସାମ୍ପ୍ରତିକ ସ୍ଥିତି ସହ ଯୋଡ଼ା। ଏହାର ତିନୋଟି ବିଭାଗ ରହିଛି, ମୋଟାମୋଟି ବିଶ୍ୱ ପରିସ୍ଥିତି, ବିଶ୍ୱ ଉଷ୍ମାୟନର ସମସ୍ୟା ଏବଂ ଶରଣାର୍ଥୀ ସମସ୍ୟା।

ପ୍ରଭା: (ହସି) ବଢ଼ିଆ ତ! ଆମର ରାଜନୀତିକ ନେତା ଆଉ ବୈଜ୍ଞାନିକଙ୍କ ଏହା ମୁଖ୍ୟ ଚିନ୍ତା।

ରମେଶ: ମା, ରାଜନୀତିକ ନେତା ଆଉ ବୈଜ୍ଞାନିକ କାହିଁକି। ପରିବେଶର ସମସ୍ୟା ତ ସମସ୍ତଙ୍କୁ ପ୍ରଭାବିତ କରେ।

ପ୍ରଭା: ତୁ ଠିକ କହିଛୁ ରମେଶ। ନେତାଙ୍କ ଅପେକ୍ଷା ସାଧାରଣ ଲୋକ ବେଶୀ ପ୍ରଭାବିତ ହୁଅନ୍ତି। କିନ୍ତୁ ମୋ କହିବାର କଥା ହେଉଛି ବୈଜ୍ଞାନିକମାନେ ତାଙ୍କ ଗବେଷଣାରୁ ପାଇଥିବା ତଥ୍ୟକୁ ନେଇ ଯେଉଁ ମାର୍ଗଦର୍ଶକ ପ୍ରସ୍ତୁତ କରନ୍ତି ତା' ଆଧାରରେ ନେତା ନୀତି ନିର୍ଦ୍ଧାରଣ କରନ୍ତି।

(ବସ୍ ହର୍ଣ୍ଣର ଶବ୍ଦ)

ରମେଶ: ମା ମୋ ସ୍କୁଲ ବସ୍ ଆସିଗଲା ବୋଧେ। ମୁଁ ଯାଉଛି। ନହେଲେ ବସ୍‌ର ଅଧିକାରୀ ରାଗିବେ।

ପ୍ରଭା: ତୋ ଖାଇବା ଡବା ଏଇଠି ଅଛି। ନେବାକୁ ଭୁଲି ଯିବୁନି। ମୁଁ ସିଧା ସ୍କୁଲ ଯାଉନାହିଁ, ଶିକ୍ଷା ବିଭାଗର ଗୋଟେ ମିଟିଂ ଯାଉ ସେଠୁ ଯିବି।

ରମେଶ: ହଉ ମା ମୁଁ ଯାଉଛି। ବାଏ... ବାଏ...

(ବସ୍ ଚାଲିବାର ଶବ୍ଦ)

ଦୃଶ୍ୟ ପରିବର୍ତ୍ତନ (ସକାଳ ସମୟ, ସ୍କୁଲ ପ୍ରାର୍ଥନା ସମୟ, ପ୍ରିନ୍ସିପାଲ ପିଲାଙ୍କୁ କହୁଛନ୍ତି)

କୃଷ୍ଣ (ପ୍ରିନ୍ସିପାଲ): ପ୍ରିୟ ଛାତ୍ରଛାତ୍ରୀଗଣ, ମୁଖ୍ୟ ବିଷୟକୁ ଆସିବା ଆଗରୁ ଦିଲ୍ଲୀର ପ୍ରଦୂଷଣ ସମସ୍ୟାକୁ ଟିକେ ନଜର ପକାଇବା। ଗତ ସପ୍ତାହରେ ଦେଶର ପ୍ରମୁଖ ସମ୍ବାଦପତ୍ରରେ ଗୋଟିଏ ଖବର ପ୍ରକାଶ ପାଇଥିଲା। ଶୁଣି ଆଶ୍ଚର୍ଯ୍ୟ ହେବ ଯେ ଦିଲ୍ଲୀ ପ୍ରଦୂଷଣର ସବା ଉପରେ ରହିଛି। ବିଶ୍ୱ ପ୍ରଦୂଷଣର ଏକ ମୂଲ୍ୟାୟନରେ ତିନିଟି ମୁଖ୍ୟ ପ୍ରଦୂଷିତ ସହର ଭିତରେ ଦିଲ୍ଲୀର ତିନୋଟି ସହର ରହିଛି। ବିଶ୍ୱର ପ୍ରଥମ ଦଶଟି ପ୍ରଦୂଷିତ ସହର ଭିତରେ ଆମ ରାଜଧାନୀ ଦିଲ୍ଲୀ ରହିଛି। ଏହା ବିପଦ ସଙ୍କେତ ଦେଉଛି। ଏଥିରୁ ଉଦ୍ଧାର ପାଇବା ପାଇଁ ଆମେ କିଛି କରିପାରିବା।

ପ୍ରଦୂଷଣ ସ୍ତର କମ୍ କରିବା ପାଇଁ ସରକାର କିଛି ପଦକ୍ଷେପ ନେଉଛି। କିନ୍ତୁ ସମାଧାନ ବହୁ ଦୂରରେ। ଯଦି ଚୀନର ରାଜଧାନୀ ବେଇଜିଂ, ଥାଇଲାଣ୍ଡର ବ୍ୟାକଂ ଏବଂ ଲଣ୍ଡନ ଯଦି ପ୍ରଦୂଷଣକୁ ନିୟନ୍ତ୍ରଣ କରିପାରିଲେ ତେବେ ଆମେ କାହିଁକି ନୁହେଁ? ଏଥିପାଇଁ ଆମର ଦରକାର କେବଳ ଗୋଟିଏ ସଚେତନ ନାଗରିକ ଗୋଷ୍ଠୀ।

ଏବେ ମୁଁ ମୋର ଦ୍ୱିତୀୟ କଥା କହୁଛି। ମୁଁ ବାର୍ଷିକ ତର୍କ ପ୍ରତିଯୋଗିତା କଥା କହୁଛି। ଏଥର ଅନ୍ୟ ବହୁତ ଗୁଡ଼ିଏ ସ୍କୁଲ ଭାଗ ନେଉଛନ୍ତି। ତମେମାନେ ଜାଣି ଖୁସି ହେବ ଯେ ରମେଶ ସବୁ ସ୍ତର ପାଶ୍ କରିସାରିଛନ୍ତି ଏବଂ ସେ ଆମ ସ୍କୁଲକୁ ପ୍ରତିନିଧିତ୍ୱ କରିବେ। ସେ ଏଠି ଅଛନ୍ତି ମୁଁ ତାଙ୍କୁ ଏଠିକୁ ଡାକୁଛି।

ରମେଶ: ଧନ୍ୟବାଦ ସାର୍। ଶୁଭସକାଳ। ମୁଁ ଆମ ପ୍ରିନ୍‌ସିପାଲ ସାର୍ ଏବଂ ଏହି କାର୍ଯ୍ୟକ୍ରମ ସହ ଯୋଡ଼ା ବାକି ସାର୍ ଏବଂ ଦିଦି ମାନଙ୍କୁ ବି ଧନ୍ୟବାଦ ଦେଉଛି। ଆପଣମାନେ ସ୍କୁଲ ନୋଟିସ ବୋର୍ଡ ଦେଖିଥିବେ। ଏବର୍ଷର ବିଷୟବସ୍ତୁ ହେଉଛି ବିଶ୍ୱ ଉଷ୍ମାୟନ ଶରଣାର୍ଥୀ। ବିଷୟଟି ନୂଆ କିନ୍ତୁ ସାମ୍ପ୍ରତିକ ଘଟଣାବଳୀ ସହ ଯୋଡ଼ା। ନିକଟ ଭବିଷ୍ୟତରେ ଆମ ପୃଥିବୀ ଏହି ସମସ୍ୟାର ସାମନା କରିବ। କିଛି କିଛି ଜାଗାରେ ଏହି ସମସ୍ୟା ଆରମ୍ଭ ହୋଇଗଲାଣି। ଏଥିରେ କେବଳ ମଣିଷ ପ୍ରଭାବିତ ହେଉନାହିଁ, ଜୀବଜନ୍ତୁ, ଗଛଲତା ଭଳି ସବୁ ଜୀବନ୍ତ ପଦାର୍ଥ ପ୍ରଭାବିତ। ପୃଥିବୀର ଜଳବାୟୁ ଅତି ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଛି। କିଛି ପରିବାର ଏବଂ ଗୋଷ୍ଠୀ ଏହାର ପ୍ରଭାବରେ ପ୍ରଭାବିତ ହେଲେଣି। ସେଥିପାଇଁ ସେମାନେ ବାଧ୍ୟ ହୋଇ ନିଜ ଘର ଛାଡ଼ି ନୂଆ ବସତିର ସନ୍ଧାନରେ ବାହାରି ଗଲେଣି।

ଜାତିସଂଘର ରିପୋର୍ଟ ଅନୁସାରେ ଜଳବାୟୁ ପରିବର୍ତ୍ତନର ପରିଣାମ ବିରାଟ। ପ୍ରାକୃତିକ ସମ୍ପଦର ଅଭାବ, ଖାଦ୍ୟ ଏବଂ ପିଇବା ପାଣି ଆହୁରି ସୀମିତ ହୋଇଯିବ। ଖାଦ୍ୟ ସୁରକ୍ଷା ତ ଏବେ ବି ଚିନ୍ତାର ବିଷୟ, ଏହା ଆଗକୁ

ଆହୁରି ଭୟଙ୍କର ହେବ।

ଏହା ମୋ ପାଇଁ ଖୁସିର ସମୟ ଯେ ମୁଁ ଆମ ସ୍କୁଲକୁ ପ୍ରତିନିଧିତ୍ୱ କରିବାକୁ ଯାଉଛି। ମୁଁ ଏବଂ ମୋର ସାଙ୍ଗମାନେ ସେଇ ଦିନକୁ ଅତି ଆଗ୍ରହର ସହ ଅପେକ୍ଷା କରିଛୁ। ଆପଣଙ୍କ ସହଯୋଗ ପାଇଁ ଧନ୍ୟବାଦ।

(ତାଳି ଶବ୍ଦ)

କୃଷ୍ଣ: ରମେଶ, ତମର ଆତ୍ମବିଶ୍ୱାସ ରହିଛି ଏବଂ ଏହା ହିଁ ଜିତିବାର ସଙ୍କେତ। ୨୦୦୯ ମସିହାଠାରୁ ପ୍ରତି ସେକେଣ୍ଡରେ ଜଣେ ଲୋକ ବିସ୍ଥାପିତ ହେଉଥିବାର ହିସାବ କରାଯାଇଛି। ୨୦୦୮ ମସିହାରୁ ଜଳବାୟୁ ବା ପାଣିପାଗ ସମ୍ବନ୍ଧିତ କାରଣରୁ ପ୍ରାୟ ୨.୨୫ କୋଟି ଲୋକ ବିସ୍ଥାପିତ ହୋଇଛନ୍ତି। ୨୦୧୧ ଏବ ୨୦୧୨ ମସିହାରେ ସୋମାଲିଆରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ଏବଂ ମରୁଡ଼ି, ୨୦୧୦ରୁ ୨୦୧୨ ଭିତରେ ପାକିସ୍ଥାନରେ ହୋଇଥିବା ବନ୍ୟା ଏବଂ ୨୦୧୫ ମସିହାର ନେପାଳର ଭୂମିକମ୍ପ ଅନେକ ସଂଖ୍ୟାର ଲୋକଙ୍କୁ ବାସହରା କରିଦେଇଛି। ସେମାନଙ୍କ ପାଇଁ ଘର, ବିଶୁଦ୍ଧ ପାଣି ଏବଂ ସାଧାରଣ ମୌଳିକ ଆବଶ୍ୟକତା ମଧ୍ୟ ନାହିଁ।

ପ୍ରିୟ ଛାତ୍ରଛାତ୍ରୀଗଣ, ରମେଶକୁ ଦେଖିଲ? ବିଷୟବସ୍ତୁ ଉପରେ ଦଖଲ ଥିଲେ ଆତ୍ମବିଶ୍ୱାସ ଆସେ। ବିଶ୍ୱ ଉଷ୍ମାୟନ ଶରଣାର୍ଥୀ ବିଷୟଟି ଏବଂ ଅତି ପ୍ରାରମ୍ଭିକ ଅବସ୍ଥାରେ ରହିଛି। ବିଶ୍ୱର ସମସ୍ତ ଶାସକ ଏବଂ ନେତା ଏକାଠି ହୋଇ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କଲେ ଏହା ଆଉ ଏତେ ବଡ଼ ସମସ୍ୟା ହୋଇ ରହିବନାହିଁ। ଆମକୁ କେବଳ ସମାଧାନ

ଖୋଜିବାକୁ ହେବ ଏବଂ ଏହାକୁ ଗ୍ରହଣ କରିବା ପାଇଁ ଦୃଢ଼ ମନ ଦରକାର।

ଦୃଶ୍ୟ ପରିବର୍ତ୍ତନ ସକାଳ ସମୟ , ସ୍କୁଲ ପରିସର, ପିଲାମାନେ ଯିବା ଆସିବା କରୁଛନ୍ତି

ପ୍ରଭା: ହ୍ୟାଲୋ... ଶୁଭ ସକାଳ। ଆପଣମାନେ ମତେ ଶୁଣି ପାରୁଛନ୍ତି ? ଦୟାକରି ଚୁପ ହୋଇ ବସନ୍ତୁ ତାହେଲେ ମୁଁ ସବୁ ଯନ୍ତ୍ର ପରୀକ୍ଷା କରି ଦେଖିବି ଠିକ ଅଛି କି ନାହିଁ। ମୋ କଥା ଶେଷକୁ ଶୁଣାଯାଉଛି?

(ଗୋଟିଏ ସ୍ୱର... ହଁ ମ୍ୟାଡାମ... ଶୁଣାଯାଉଛି।)

ଅଂଶଗ୍ରହଣକାରୀମାନେ ଆସି ଆଗରେ ବସନ୍ତୁ। ଭାବୁଛି ସବୁ ଦଳ ଏଇଠି ଅଛନ୍ତି। ଆମର ଆଜିର ଅତିଥି ଡ. ଜିତେନ୍ଦ୍ର ବି ଆସିଗଲେଣି ଏବଂ ପ୍ରିନ୍ସିପାଲଙ୍କ ସାଙ୍ଗରେ ଅଛନ୍ତି । ଅଳ୍ପ ସମୟ ଭିତରେ ସେମାନେ ଏଠି ପହଞ୍ଚିବେ। ଏଇ ଆସିଗଲେ... ପିଲାମାନେ ତାଳି ଦେଇ ତାଙ୍କୁ ସ୍ୱାଗତ କରିବା।

ପାଦଶବ୍ଦ, ତାଳି

ପ୍ରଭା: ଏବେ କାର୍ଯ୍ୟକ୍ରମ ଆରମ୍ଭ କରିବା । ଆରମ୍ଭ କରିବା ଆଗରୁ ମୁଁ ପ୍ରିନ୍ସିପାଲ ସାର୍‌ଙ୍କୁ ଅନୁରୋଧ କରୁଛି ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବେ। (ତାଳି ଶବ୍ଦ)

ପ୍ରିୟ ଛାତ୍ରଛାତ୍ରୀଗଣ, ଆଜି ଆମେ ଏକାଠି କାହିଁକି ହୋଇଛେ ଜାଣିଛ କି? ଆମ ସ୍କୁଲର ବାର୍ଷିକ ତର୍କ ପ୍ରତିଯୋଗିତା ଗୋଟିଏ ବହୁତ

ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ପ୍ରତିଯୋଗିତା ତିନି ଭାଗରେ ଭାଗ ହୋଇଛି, ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ। ଆଜିର କାର୍ଯ୍ୟକ୍ରମ ଉଚ୍ଚ ମାଧ୍ୟମିକ ପିଲାଙ୍କ ପାଇଁ। ମୁଁ ଏବେ ଆମର ପ୍ରିନ୍‌ସିପାଲ ସାର୍‌ଙ୍କୁ ଅନୁରୋଧ କରୁଛି ସେ ପିଲାମାନଙ୍କୁ କିଛି କୁହନ୍ତୁ।

କୃଷ୍ଣ: ଶୁଭ ସକାଳ। ମୁଁ ତମ ସମସ୍ତଙ୍କୁ ସ୍ୱାଗତ କରୁଛି। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆମ ପିଲାମାନେ କିଛି ସାମ୍ପ୍ରତିକ ବିଷୟଏବଂ ସେସବୁର ସମାଧାନ ଉପରେ ଜାଣିବାକୁ ପାଉଛନ୍ତି। ଏଠି ମୁଁ ଗୋଟିଏ ରିପୋର୍ଟର କିଛି ଅଂଶ ଶୁଣଉଛି। ୨୦୧୯ ମସିହା ମାର୍ଚ୍ଚରେ ଗୋଟିଏ ଜାତୀୟ ସମ୍ବାଦପତ୍ରରେ ଖବରଟିଏ ବାହାରିଥିଲା। ଶୀର୍ଷକ ଥିଲା ୨୦୫୦ ମସିହା ବେଳକୁ ଲକ୍ଷ ଲକ୍ଷ ଲୋକ ପ୍ରଦୂଷଣ ଯୋଗୁ ମୃତ୍ୟୁଲାଭ କରିବେ। ଏହା କେବଳ ଗୋଟିଏ ରିପୋର୍ଟ ନ ଥିଲା। ଏହା ୭୦ଟି ଦେଶର ୨୫୦ଜଣ ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ରିପୋର୍ଟ।

ତୁରନ୍ତ ପଦକ୍ଷେପ ନେବା ଜରୁରୀ। ନହେଲେ ପ୍ୟାରିସ ରାଜିନାମାର ଲକ୍ଷ୍ୟ ପୂରଣ ସେତିକି ଦୂରେଇବ। ଆଶାକରୁଛି ଆଜିର ତର୍କସଭାରେ ବିଶ୍ୱ ଉଷ୍ମାୟନ ଏବଂ ଶରଣାର୍ଥୀଙ୍କୁ ନେଇ ଅନେକ ବିଷୟ ଆସିବ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମୁଁ ସ୍ୱାଗତ କରୁଛି ଏବଂ ଏହି କାର୍ଯ୍ୟକ୍ରମର ଆୟୋଜନ ଜନଜାଗରଣ ମଞ୍ଚଙ୍କୁ ମଧ୍ୟ ଧନ୍ୟବାଦ ଦେଉଛି। ସେମାନଙ୍କର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଏ ବିଷୟରେ ସଚେତନ ହେଉଛନ୍ତି। (ତାଳି ଶବ୍ଦ)

ପ୍ରଭା: ଧନ୍ୟବାଦ ସାର୍, ଆପଣଙ୍କ ବକ୍ତବ୍ୟ ବହୁତ ପ୍ରେରଣାଦାୟକ ଥିଲା। ମୁଁ

ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରୁଛି ଏବଂ ଅନୁରୋଧ କରୁଛି ଆଗକୁ ଆସି ସେମାନଙ୍କ ଆସନ ଗ୍ରହଣ କରିବେ।

(ସଙ୍ଗୀତ)

ପ୍ରଭା: ପ୍ର. ଜିତେନ୍ଦ୍ରବାବୁ, ବିଖ୍ୟାତ ପରିବେଶ ବିଜ୍ଞାନ ଆମ ଗହଣରେ ଅଛନ୍ତି, ସେ ଏଠି ଜଣେ ବିଶେଷଜ୍ଞର ଭୂମିକା ନେବେ ଏବଂ ଜଜ୍ ମଧ ହେବେ । କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ ବି କରିବେ। ଜିତେନ୍ଦ୍ର ସାର୍, ଦୟାକରି ମଞ୍ଚ ଉପରକୁ ଆସନ୍ତୁ।

(ଜୋର ତାଳିମାଡ଼)

ପ୍ରଭା: (ହସି ହସି) ଏତେ ଜୋର ତାଳି ଜଣାଉଛି ଯେ ଏହି କାର୍ଯ୍ୟକ୍ରମ ପ୍ରତି ଆମ ପିଲାମାନଙ୍କର କେତେ ଆଗ୍ରହ। କିନ୍ତୁ ଆରମ୍ଭ କରିବା ଆଗରୁ ମୁଁ ପ୍ର. ଜିତେନ୍ଦ୍ରଙ୍କୁ ତାଙ୍କର ଉପକ୍ରମଣିକା ବକ୍ତବ୍ୟ ଦେବା ପାଇଁ।

ଜିତେନ୍ଦ୍ର: ନମସ୍କାର। ଶୁଭ ସକାଳ। ଆଶା କରୁଛି ପ୍ରତି ଅଂଶଗ୍ରହଣକାରୀ ବହୁତ ଭଲ କରିବେ। ଆଜିର ଆଲୋଚନା ଅନ୍ୟଦିନଠାରୁ ଅଲଗା ହେବ। ଏଠାରେ ତିନି ରାଉଣ୍ଡ ହେବ। ପ୍ରଥମ ଥର ଅଂଶଗ୍ରହଣକାରୀଙ୍କୁ ତାଙ୍କ ମତ ସିଧାସଳଖ ଉପସ୍ଥାପନ କରିବାକୁ ହେବ। ଦ୍ୱିତୀୟ ରାଉଣ୍ଡରେ ପ୍ରଶ୍ନ ପଚରାଯିବ ଯାହାର ଉତ୍ତର ସାଙ୍ଗେ ସାଙ୍ଗେ ଦେବାକୁ ହେବ। ତୃତୀୟରେ ବିଷୟ ଉପରେ ମତାମତ। ମାର୍ଗଦର୍ଶକ ଅନୁସାରେ ଶ୍ରୀମତୀ ପ୍ରଭା ସମସ୍ତ ସ୍କୋର ରଖିବେ। ସମସ୍ତେ ପ୍ରସ୍ତୁତ? ପ୍ରଭା, ଆମେ ଏବେ ଆରମ୍ଭ କରିବା କି? ନା ତମେ କିଛି କହିବ?

ପ୍ରଭା: ଠିକ ଅଛି ସାର୍। କେବଳ ଗୋଟିଏ କଥା ଅଂଶଗ୍ରହଣକାରୀମାନେ ମନେ ରଖିବେ ଯେ ପ୍ରଫେସର ଜିତେନ୍ଦ୍ରଙ୍କ ନିଷ୍ପତ୍ତି ହିଁ ଗ୍ରହଣ ହେବ।

ଜିତେନ୍ଦ୍ର: ଠିକ ଅଛି, ଧନ୍ୟବାଦ ପ୍ରଭା। ଏବେ ଆଲୋଚନା ଆରମ୍ଭ କରିବା। ମୁଁ ପ୍ରଥମ ଅଂଶଗ୍ରହଣକାରୀ ରମେଶଙ୍କୁ ଅନୁରୋଧ କରୁଛି ଆରମ୍ଭ କରିବା ପାଇଁ।

ରମେଶ: ମୁଁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରିକ ଓବାମାଙ୍କ ଗୋଟିଏ ଉକ୍ତିରୁ ଆରମ୍ଭ କରୁରଛି। ଗୋଟିଏ ବିଷୟ ରହିଛି ଯାହା କି ଅନ୍ୟ ସମସ୍ତ ବିଷୟ ତୁଳନାରେ ଅଧିକ ନାଟକୀୟ ଭାବରେ ଚଳିତ ଶତାବ୍ଦୀର ରୂପରେଖ ବର୍ଣ୍ଣନା କରିବ। ଆଉ ସେଇଟା ହେଉଛି ଜରୁରୀକାଳୀନ ବିପଦସଙ୍କେତ ଜଳବାୟୁ ପରିବର୍ତ୍ତନ। ଯେତେବେଳେ ପ୍ୟାରିସଠାରେ ୧୯୦ ଦେଶର ବୈଜ୍ଞାନିକ ଚେତାବନୀ ଦେଇଥିଲେ ଯେ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ ବଢୁଛି , ଏପରି ଅବସ୍ଥା ଆସିବ ଯେତେବେଳେ ଗଛ ଆଉ ସହିବନାହିଁ। ଏଇଥିରୁ ସମସ୍ୟାର ପ୍ରଚଣ୍ଡତା ଜଣାଯାଉଛି। ସେତେବେଳେ ଏହା ବିଧ୍ୱଂସୀ ଏବଂ ଅପରିବର୍ତ୍ତନୀୟ ହୋଇଥିବ। ଲୋକମାନେ ଏଭଳି ପରିସ୍ଥିତି ସହ ଖାପ ଖାଇଯାଉଛନ୍ତି। କିନ୍ତୁ କିଛି ଲୋକଙ୍କ ପାଇଁ ବଞ୍ଚିବାକୁ ହେଲେ ଅନ୍ୟ ଜାଗାକୁ ବିସ୍ଥାପିତ ହେବାକୁ ହେବ। ଫଳରେ ଅନ୍ୟ ଗୋଷ୍ଠୀ ସହ ସଂଘର୍ଷ ହୋଇପାରେ। ଲୋକସଂଖ୍ୟା ବଢୁଛି କିନ୍ତୁ ସମ୍ବଳ କମୁଛି। ବିଶେଷ କରି ଖାଦ୍ୟ ଏବଂ ପାନୀୟ ଜଳ। ବିସ୍ଥାପନ ପାଇଁ ଏହା ଆହୁରି ଖୋରାକ ଯୋଗାଉଛି।

ସବୁଠାରୁ ଭଲ ଉଦାହରଣ ଆମେ ଦେଖିପାରିବା ଆମେରିକାର ଦକ୍ଷିଣ

ସୀମାରେ ହେଉଥିବା ବିସ୍ଥାପନ। ସାମ୍ବାଦିକ ଏବଂ ଲେଖକ ଟଡ୍ ମିଲର୍ ତାଙ୍କ ନୂଆ ବହି ଷ୍ଟର୍ମିଂ ଦି ୱାଲ୍‌ରେ ଲେଖିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ହେଉଛି ମୁଖ୍ୟ କାରଣ ଯେଉଁଥିପାଇଁ ମେକ୍ସିକୋ ଏବଂ ଦକ୍ଷିଣ ଆମେରିକାରୁ ଯୁକ୍ତରାଷ୍ଟ୍ର ଆମେରିକା ଦିଗରେ ଲୋକମାନେ ଚାଲି ଯାଉଛନ୍ତି। ମଧ୍ୟ ଆମେରିକାରେ ବିଶ୍ୱ ଉଷ୍ମାୟନ ଯୋଗୁ ଭୟଙ୍କର ମରୁଡ଼ି, ଝଡ଼ବାତ୍ୟା, ବନ୍ୟା, ମୃତ୍ତିକା ସ୍ଖଳନ ଆଦି ବଢ଼ିବାର ସମ୍ଭାବନା ଦେଖାଯାଇଛି।

ଜଳବାୟୁ ବିଜ୍ଞାନୀ ମଧ୍ୟ ଆମେରିକାକୁ ଜଳବାୟୁ ପରିବର୍ତ୍ତନ ପାଇଁ ଗ୍ରାଉଣ୍ଡ ଜିରୋ କହୁଛନ୍ତି। କାରଣ ଏହା ହେଉଛି ଗୋଟିଏ ଯୋଜକ ଅର୍ଥାତ ଏହାର ଦୁଇ ପଟରେ ଦୁଇଟି ବିରାଟ ଜଳାଶୟ ରହିଛି। ସମୁଦ୍ର ପତନ ବଢ଼ିବା ବିପଦ ଏଠି ସବୁଠାରୁ ଅଧିକ। ତା ସହିତ ମହାବାତ୍ୟା, ଝଡ଼ ଏବଂ ଅତିବୃଷ୍ଟି ଏବଂ ଅନାବୃଷ୍ଟି ମଧ୍ୟ ଦେଖାଦେବ। ରିପୋର୍ଟରୁ ଜଣାଯାଇଛି ଯେ ୨୦୫୦ ମସିହା ସୁଦ୍ଧା ଜଳବାୟୁ ଜନିତ ସମସ୍ୟା ନେଇ ମେକ୍ସିକୋରେ ପ୍ରତି ଦଶଜଣରେ ଜଣେ ବିସ୍ଥାବିତ ହେବେ। ଭାରତରେ ମଧ୍ୟ ହିମାଳୟ ଅଞ୍ଚଳର ଦ୍ରୁତ ପରିବର୍ତ୍ତନ ଉପରେ ଅଧିକ ଗବେଷଣା କରାଯାଉଛି। କିନ୍ତୁ କିଛି ନିର୍ଦ୍ଦିଷ୍ଟ ନିଷ୍ପତ୍ତିରେ ପହଞ୍ଚିବାକୁ ହେଲେ ଆମର ଆହୁରି ଅଧିକ ତଥ୍ୟ ଦରକାର। କିନ୍ତୁ ଏହା ତ ନିଶ୍ଚିତ ଯେ ପୂର୍ବ ଉପକୂଳରେ ଏହାର ଅତ୍ୟନ୍ତ କୁପ୍ରଭାବ ଦେଖାଯାଉଛି ଏହା ତ ନିଶ୍ଚିତ କଥା। ବିଶ୍ୱ ଉଷ୍ମାୟନ ଗୋଟିଏ ପୂର୍ବାନୁମାନ ନୁହେଁ, ଏହା ବାସ୍ତବତା, ଏହା ଘଟୁଛି। ଧନ୍ୟବାଦ।

ଜିତେନ୍ଦ୍ର: ବଢ଼ିଆ କହିଲ, ସମୟସୀମା ଭିତରେ ବି ଶେଷ କର। ଧନ୍ୟବାଦ

ରମେଶ। ଆମର ପରବର୍ତ୍ତି ଅଂଶଗ୍ରହଣକାରୀ ହେଉଛନ୍ତି ମହେଶ। ସ୍ୱାଗତଂ ମହେଶ।

ମହେଶ: ଶୁଭ ସକାଳ। ଗତ ରବିବାର ମୁଁ ଗୋଟିଏ ସିନେମା ଦେଖୁଥିଲି କ୍ଲାଇମେଟ୍ ରିଫ୍ୟୁଦି। ଏଥିରେ ବିଶ୍ୱ ଉଷ୍ମାୟନ ଅତି ସୁନ୍ଦର ଭାବରେ ଦର୍ଶାଯାଇଛି। ବିଶ୍ୱ ସ୍ତରରେ ମଣିଷ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ବିଶ୍ୱ ରାଜନୀତି ଉପରେ ଏହାର ପ୍ରଭାବକୁ ଦର୍ଶାଇବା ପାଇଁ ଏହା ହେଉଛି ପ୍ରଥମ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର। ସିନେମାଟି ବିଶ୍ୱର ଅନେକ ପ୍ରଭାବକୁ ନେଇ ଗୋଟିଏ ପରିକଳ୍ପିତ ସମସ୍ୟାକୁ ବାସ୍ତବ ସମସ୍ୟାରେ ପରିଣତ କରୁଛି। ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ଯେ ଶତାବ୍ଦୀର ମଝି ବେଳକୁ ସମୁଦ୍ର ପତନ ବଢ଼ିବା, ପାଣିପାଗରେ ଅନିୟମିତା, ମରୁଡ଼ି, ମରୁଭୂମିକରଣ ଆଦି ଯୋଗୁ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକମାନେ ବାସହରା ହେବେ। କିନ୍ତୁ ପ୍ରଶ୍ନ ଉଠୁଛି ଲକ୍ଷ ଲକ୍ଷ ସଂଖ୍ୟାରେ ଯେଉଁ ଶରଣାର୍ଥୀ ମାନେ ଜାତୀୟ ସୀମା ପାର ହୋଇ ଅନ୍ୟ ଦେଶକୁ ଯିବେ ସେମାନଙ୍କ ପାଇଁ କ'ଣ ଯୋଜନା କରାଯାଇଛି। ଜାତିସଂଘର ଆକଳନ ଅନୁସାରେ ରାଜନୈତିକ ବା ଧାର୍ମିକ ଶରଣାର୍ଥୀଙ୍କ ତୁଳନାରେ ପରିବେଶ ଶରଣାର୍ଥୀଙ୍କ ସଂଖ୍ୟା ଏବେ ଅଧିକ। ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନକୁ ଗୋଟିଏ ଜାତୀୟ ନିରପତ୍ତା ପ୍ରତି ବିପଦ ବୋଲି ଭାବିଲେଣି, ଗୋଟିଏ ନୂଆ ଶବ୍ଦ ସୃଷ୍ଟି ହେଲାଣି ଜଳବାୟୁ ଯୁଦ୍ଧ।

ବୈଜ୍ଞାନିକ, ସମାଜକର୍ମୀ, ନିରପତ୍ତା ପରାମର୍ଶଦାତା, ମୁଖ୍ୟ ରାଜନୈତିକ ନେତା ସମସ୍ତେ ଦୃଢ଼ ଭାବରେ କହୁଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ମଣିଷ

ପାଇଁ ଅନେକ ବିପର୍ଯ୍ୟୟ ଆଣୁଛି ଏବଂ ବିଶ୍ୱ ସ୍ତରରେ ସାମାଜିତ ସ୍ଥିରତା ଉପରେ ବିପଦ ଆଣିବ। ସିନେମାଟି ବାଂଲାଦେଶ, ତୁଭାଲୁ, ଚୀନ, ଫିଜି, ସୁଦାନ, କେନିୟା, ମାଳଦ୍ୱୀପ, ଇଉରୋପ ଏବଂ ଆମେରିକାରେ ପ୍ରସ୍ତୁତ କରାଯାଇଛି। ଖୁବ ଶୀଘ୍ର ପୃଥିବୀ ସାରା ଅନେକ ଶରଣାର୍ଥୀ ସୃଷ୍ଟି ହେବେ। କିନ୍ତୁ... କିନ୍ତୁ ଆମେ ସେ ସମସ୍ୟାକୁ ସାମନା କରିବାକୁ ପ୍ରସ୍ତୁତ କି?

ଆମର ମାତ୍ର ଏଇ ଗୋଟିଏ ପୃଥିବୀ ଅଛି ଏବଂ ଏହାକୁ ଆମର ପର ପିଢ଼ିକୁ ଦେବାକୁ ହେବ, କାରଣ ଆମେ ଏହାକୁ ଆମ ପୂର୍ବପୁରୁଷଙ୍କଠାରୁ ପାଇଛେ। ଧନ୍ୟବାଦ।

ଜିତେନ୍ଦ୍ର: ମୁଁ ଭାବିଥିଲି ଯେ ମହେଶ ବୋଧହୁଏ ତାଙ୍କ ସମୟ ଟପିଯିବେ । କିନ୍ତୁ କି ସୁନ୍ଦର ଭାବରେ ଶେଷ କଲେ। ଧନ୍ୟବାଦ। ଏବେ ସୋନିଙ୍କ ପାଳି। ଦୟାକରୀ ମାଇକ ଧରନ୍ତୁ ଆଉ ଆରମ୍ଭ କରନ୍ତୁ।

ସୋନି: ଶୁଭ ସକାଳ। ମହେଶ କହିଥିବା କଥାକୁ ମୁଁ ଆହୁରି ଆଗକୁ ନେବାକୁ ଚାହୁଁଛି। ଏବେ ଆମ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ହେବା ଜରୁରୀ। ଏଇ ପୃଥିବୀର ରକ୍ଷା କରିବା ଏବଂ ଯେଉଁଭଳି ପାଇଥିଲେ ସେଇଭଳି ପର ପିଢ଼ିକୁ ହସ୍ତାନ୍ତର କରିବା। ୨୦୫୦ ମସିହା ସୁଦ୍ଧା ବିଶ୍ୱ ସ୍ତରରେ ବିସ୍ଥାପିତ ହେବା ଲୋକଙ୍କ ସଂଖ୍ୟା ୧୫ରୁ ୧୦୦ କୋଟି ହେବ ବୋଲି ଅନୁମାନ କରାଯାଉଛି। ସଠିକ ସଂଖ୍ୟାକୁ ନେଇ ଏବେ ବି ଦ୍ୱିମତ ରହିଛି। କିନ୍ତୁ ସଂଖ୍ୟା ଯାହା ବି ହେଉ, ଏହା ନିଶ୍ଚିତ ବିସ୍ମୟକର ହେବ ଏବଂ ମଣିଷ ଇତିହାସରେ ପ୍ରଥମ ହେବ।

ଆମେ ଆମ ବାୟୁମଣ୍ଡଳରେ ଅତ୍ୟଧିକ ଅଙ୍ଗାରକାମ୍ଳ ଜମା କରୁଛେ, ଏହା

ତାପକୁ ଧରିରଖେ ଏବଂ ଧୀରେ ଧୀରେ ପୃଥିବୀର ତାପମାତ୍ରା ବଢୁଛି । ଏସବୁ ଅଙ୍ଗାରକାମ୍ଳ ଆସୁଛି କେଉଁଠୁ? ଶକ୍ତି ପାଇଁ ଆମେ କୋଇଲା , ପ୍ରାକୃତିକ ବାଷ୍ପ, ତେଲ ଭଳି ଯେଉଁ ଜୀବାଶ୍ମ ଇନ୍ଧନ ଜାଳୁଛୁ ଏବଂ ଜଙ୍ଗଲ କାଟି ସଫା କରୁଛୁ। ଏ ବିଷୟରେ ବୈଜ୍ଞାନିକମାନଙ୍କ ଭିତରେ ଦ୍ୱିମତ ନାହିଁ। ସେମାନେ ସମସ୍ତେ ମାନୁଛନ୍ତି ଯେ ବିଶ୍ୱ ସ୍ତରରେ ତାପମାତ୍ରା ବଢୁଛି ଏବଂ ଏଥିପାଇଁ ମଣିଷର କ୍ରିୟାକଳାପ ହିଁ ଦାୟୀ।

ଆମ ଦେଶରେ ବାଂଲାଦେଶ ଶରଣାର୍ଥୀଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଉଛି। କିନ୍ତୁ ଏହା ପଛରେ କ'ଣ କାରଣ ହୋଇପାରେ କେହି ଚିନ୍ତା କରିଛି କି? ମାଳଦ୍ୱୀପ ଏବଂ ବାଂଲାଦେଶ ଜଳବାୟୁ ପରିବର୍ତ୍ତନର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛି। ଜଳବାୟୁ ସଂକ୍ରାନ୍ତୀୟ ବିପର୍ଯ୍ୟୟର ସାମନା କରୁଛି। ଅନୁମାନ କରାଯାଇଛି ଯେ ୨୦୫୦ ମସିହା ସୁଦ୍ଧା ବାଂଲାଦେଶର ଶତକଡ଼ା  ସତର ଭାଗ ଭୂମି ପାଣିରେ ବୁଡ଼ିଯାଇଥିବ। ଏହା ଫଳରେ ଦୁଇକୋଟି ଶରଣାର୍ଥୀ ସୃଷ୍ଟି ହେବେ।

ଜଳବାୟୁ ପରିବର୍ତ୍ତନ ଯୋଗୁ ବିସ୍ଥାପିତ ହେବାରେ ମଣିଷ ସହିତ ଅନ୍ୟ ସ୍ତନ୍ୟପାୟୀ, ପକ୍ଷୀ, ଉଭୟଚର ଭଳି ଜୀବଜନ୍ତୁ ବି ଅଛନ୍ତି। ଦେଖାଯାଇଛି ଯେ ପ୍ରାୟ ୩୦୦୦ ପ୍ରଜାତିର ଜୀବଜନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁ ବିସ୍ଥାପିତ ହେବା ପାଇଁ ବାଧ୍ୟ ହୋଇଛନ୍ତି। ବିସ୍ଥାପିତ ସ୍ତନ୍ୟପାୟୀ, ପକ୍ଷୀ, ଉଭୟଚର ଆଦି ତାଙ୍କ ଇଚ୍ଛା ଅନୁସାରେ ଯାଇପାରିବେ , କିନ୍ତୁ ମଣିଷ ଯାଇପାରିବ ନାହିଁ। ସବୁଠାରୁ ଅନ୍ୟାୟ ହେଉଛି ସମସ୍ୟା ଦିଗରେ ଯେଉଁମାନଙ୍କର ଅବଦାନ ସବୁଠାରୁ କମ୍ ସେଇମାନେ ହିଁ ସବୁଠାରୁ

ଅଧିକ ପ୍ରଭାବିତ ହେଉଛନ୍ତି।

(ଘଣ୍ଟି ବାଜିଲା)

ଜିତେନ୍ଦ୍ର: ଆପଣଙ୍କର ସମୟ ସରିଗଲା। ଧନ୍ୟବାଦ ସୋନି। ସମସ୍ତେ ବହୁତ ବଢ଼ିଆ କହିଲେ। ଏବେ ଦ୍ୱିତୀୟ ରାଉଣ୍ଡକୁ ଯିବା। ଅଂଶଗ୍ରହଣକାରୀଙ୍କ ଜ୍ଞାନ କେତେ ଗଭୀର ତାହା ମାପିବା ପାଇଁ ଆମେ ଏଇ ରାଉଣ୍ଡ ଠିକ କରିଛୁ। ପ୍ରଭା ପ୍ରଶ୍ନ ପଚାରିବେ ଏବଂ ମୁଁ ଘଣ୍ଟି ବଜେଇବି।

ପ୍ରଭା: ସମସ୍ତେ ପ୍ରସ୍ତୁତ। ପ୍ରଥମ ପ୍ରଶ୍ନ ହେଉଛି ଆନ୍ତର୍ଜାତିକ ଶରଣାର୍ଥୀ ର୍ଷ ବୋଲି କେଉଁ ବର୍ଷକୁ ଧରାଯାଇଛି/

ସୋନି:  ଅନେକ ପ୍ରକାରରେ ୨୦୧୮ ହେଉଛି ଶରଣାର୍ଥୀ ବର୍ଷ। ଯୁକ୍ତରାଷ୍ଟର ସୀମାରେ, ଭୂମଧ୍ୟସାଗର ଉପକୂଳରେ ଏବଂ ଏସୀୟ ସହରରେ ଲକ୍ଷ ଲକ୍ଷ ଶରଣାର୍ଥୀ ଯୁଦ୍ଧ, କ୍ଷୁଧାରୁ ରକ୍ଷା ପାଇବା, ସୁରକ୍ଷା ଏବଂ ଆଶ୍ରୟ ସନ୍ଧାନରେ ଘୂରି ବୁଲୁଛନ୍ତି।

ଜିତେନ୍ଦ୍ର: ଠିକ କହିଛ।

ପ୍ରଭା: ଜାତିସଂଘର ଶରଣାର୍ଥୀ କମିଟି ହିସାବ କରିଛି ଯେ ସମୁଦ୍ର ପତନ ବଢ଼ିବା, ଭୟଙ୍କର ମରୁଡ଼ି ଏବଂ ଅନ୍ୟ ପାଣିପାଗ ସମସ୍ୟା ଯୋଗୁ ୨୦୫୦ ମସିହା ସୁଦ୍ଧା ୨୫ କୋଟି ଲୋକ ବିସ୍ଥାପିତ ହେବେ। ଅନ୍ୟ ଶରଣାର୍ଥୀଙ୍କ ଭଳି ଜଳବାୟୁ ଶରଣାର୍ଥୀ ମୁଖ୍ୟତଃ କେଉଁ ଅଞ୍ଚଳରୁ ଆସିବେ? (ଘଣ୍ଟି ଶବ୍ଦ)

ରମେଶ: ଜଳବାୟୁ ଶରଣାର୍ଥୀ ମୁଖ୍ୟତଃ ଆଫ୍ରିକା, ଏସିଆ ଏବଂ ଦକ୍ଷିଣ

ଆମେରିକାର ବିକାଶଶୀଳ ରାଷ୍ଟ୍ରମାନଙ୍କରୁ ଆସିବେ। କିନ୍ତୁ ଏମାନଙ୍କର କିଛି ବୈଧାନିକ ସୁରକ୍ଷା ରହିବ।

ଜିତେନ୍ଦ୍ର: ବହୁତ ବଢ଼ିଆ। ଏହାକୁ ବିସ୍ତାରରେ କହିବା ପାଇଁ ଏବେ ସମୟ ନାହିଁ। ଆମର ପର ପ୍ରଶ୍ନ ହେଉଛି...

ପ୍ରଭା: ଅଧିକାଂଶ ଲୋକ ଜଳବାୟୁ ଶରଣାର୍ଥୀ ଶବ୍ଦ ବ୍ୟବହାର କରନ୍ତି। କିନ୍ତୁ ଯେଉଁମାନେ ପରିବେଶୀୟ ଘଟଣା ଯୋଗୁ ବିସ୍ଥାପିତ ହେଉଛନ୍ତି ସେମାନେ ଅନ୍ୟ ଶରଣାର୍ଥୀଙ୍କ ଭଳି ଶରଣସ୍ଥଳ ବା ସୁରକ୍ଷା ଦାବି କରିପାରୁ ନାହାନ୍ତି। କାହିଁକି? (ଘଣ୍ଟି ଶବ୍ଦ)

ସୋନି: ୧୯୫୧ ମସିହାର ଶରଣାର୍ଥୀ ସମ୍ମିଳନୀରେ ଶରଣାର୍ଥୀର ସଂଜ୍ଞା ଯାହା ସ୍ଥିର ହୋଇଥିଲା ସେଥିରେ ପରିବେଶ ଘଟଣାରୁ ବିସ୍ଥାପିତ ହେବାକୁ ଗ୍ରହଣ କରୁନାହିଁ। କିନ୍ତୁ କେବଳ ଜଳବାୟୁ ପରିବର୍ତ୍ତନ ପାଇଁ ବିସ୍ଥାପିତ ହୋଇଥିବା ଲୋକଙ୍କୁ ଆଶ୍ରୟସ୍ଥଳ ମିଳିଥିବାର କୌଣସି ଉଦାହରଣ ନାହିଁ। କେବଳ ଗୋଟିଏ ଘଟଣାରେ ନିଉଜିଲାଣ୍ଡରେ ଗୋଟିଏ ଲୋକ କିରିବତି ଦ୍ୱୀପରୁ ଆସି ଆଶ୍ରୟ ଦାବି କରିଥିଲା। କିନ୍ତୁ ଉପଯୁକ୍ତ କାଗଜପତ୍ର ନ ଥିବାରୁ କୋର୍ଟ ଏହାକୁ ଗ୍ରହଣ କରି ନ ଥିଲା।

ପ୍ରଭା: ଏହା ଏ ରାଉଣ୍ଡର ଶେଷ ପ୍ରଶ୍ନ। ଏହି ବିଷୟ ଉପରେ ପ୍ୟାରିସ ଚୁକ୍ତିନାମାର ଭୂମିକା କ'ଣ? (ଘଣ୍ଟି ଶବ୍ଦ)

ମହେଶ: ଜାତିସଂଘର ଜଳବାୟୁ ସମ୍ମିଳନୀ ଦଳ ପ୍ରଥମେ ଏହା ଉପରେ କିଛି ନିଷ୍ପତ୍ତି ନେଇଥିଲେ। ୨୦୧୫ ମସିହାରେ ଗୋଟିଏ ଟାସ୍କଫୋର୍ସ ଗଢ଼ା

ହୋଇଥିଲା ଏହାର କାମ ଥିଲା ଜଳବାୟୁ ବିସ୍ଥାପନକୁ କମ୍ କରିବା, ନିବାରଣ କରିବା। ସେସବୁ ପରାମର୍ଶକୁ ରାଷ୍ଟ୍ରମାନେ ଦେଖିବା ଦରକାର, ସେମାନଙ୍କ ଜାତୀୟ କାର୍ଯ୍ୟସୂଚୀରେ ଅନ୍ତର୍ଗତ କରିବା ଦରକାର। ଗରିବ ଦେଶକୁ ଏସବୁ କରିବା ପାଇଁ ଆର୍ଥିକ ସହାୟତା ବି ଦେବା ଦରକାର।

ଜିତେନ୍ଦ୍ର: ଧନ୍ୟବାଦ ପ୍ରଭା, ତମ ସହାୟତା ପାଇଁ। ଏବେ ସମସ୍ତେ ନିଜ ମତାମତକୁ ଗୋଟିଏ ବା ଦୁଇଟି ବାକ୍ୟରେ କହିବେ। ରମେଶ ଆପଣଙ୍କ ପାଳି।

ରମେଶ: ମୋ ମତରେ ବିଶ୍ୱ ଉଷ୍ମାୟନ ଏବଂ ଶରଣାର୍ଥୀ ବିରୁଦ୍ଧରେ ଲଢ଼ିବା ଗୋଟିଏ ସାମୁହିକ କାମ। ସାମୁହିକ ଉତ୍ତରଦାୟିତ୍ୱ ଏବଂ ଏହା ବିଳମ୍ବ ହେବା ଉଚିତ ନୁହେଁ। ସମୟ ଚାଲିଯାଉଛି, ଗାଡ଼ି ଛାଡ଼ି ଦେଲାଣି, ଅଧିକ ଡେରି ହେବା ଆଗରୁ ଆମକୁ ଏହା ଧରିବାକୁ ହେବ।

ମହେଶ: ଆଗାମୀ ପିଢ଼ି ଆମକୁ ଦୋଷ ଦେବେ ଯଦି ଆମେ ଆମର କର୍ତ୍ତବ୍ୟରୁ ବିଚ୍ୟୁତ ହେବା। ବିଶ୍ୱ ଉଷ୍ମାୟନ ଏବଂ ଶରଣାର୍ଥୀ ଦିଗରେ ତୁରନ୍ତ କିଛି କରିବା ଦରକାର।

ସୋନି: ଆମର କେବଳ ଗୋଟିଏ ପୃଥିବୀ ଅଛି। ମଣିଷ ଏଥିପାଇଁ ବହୁମାତ୍ରାରେ ଉତ୍ତରଦାୟୀ ହେବ। ଆମର ଗୋଟିଏ ମାତ୍ର ଲକ୍ଷ୍ୟ ରହିବା ଦରକାର। ସୁରକ୍ଷା ଏବଂ ପର ପିଢ଼ିକୁ ସେଇଭଳି ଭାବରେ ହସ୍ତାନ୍ତର କରିବା। ପୃଥିବୀର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ, ନହେଲେ ସମସ୍ତ ଜୀବଜଗତ ଦିନେ ଲୋପ ପାଇଯିବେ।

ଜିତେନ୍ଦ୍ର: ଆଜିର କାର୍ଯ୍ୟକ୍ରମ ଏହିଠାରେ ଶେଷ ହେଲା। ପ୍ରଭା ମ୍ୟାଡାମ ତାଙ୍କ ଶେଷ ସ୍କୋର ଜଣାନ୍ତୁ। ମୁଁ ପ୍ରିନ୍‌ସିପାଲ୍ ସାର୍‌ଙ୍କୁ ଅନୁରୋଧ କରୁଛି କିଛି କହିବା ପାଇଁ।

ପ୍ରିନ୍‌ସିପାଲ: ବହୁତ ବହୁତ ଧନ୍ୟବାଦ ପ୍ର ଜିତେନ୍ଦ୍ର। ସତରେ ବହୁତ ବଢ଼ିଆ ଆଲୋଚନା ହେଲା। ପ୍ରତି ଅଂଶଗ୍ରହଣକାରୀ ବହୁତ ବଢ଼ିଆ କରିଛନ୍ତି। କିଛି ରାଜନୀତିଜ୍ଞ କହୁଛନ୍ତି ଯେ ଏହା ଗୋଟିଏ ପ୍ରତାରଣା , ଇତିହାସର ସବୁଠାରୁ ବଡ଼ ଜାଲିଆତି। କିନ୍ତୁ ବାସ୍ତବରେ ଏହା ନୁହେଁ। ବିଶ୍ୱ ଉଷ୍ମାୟନ ଗୋଟିଏ ଅନୁମାନ ନୁହେଁ, ଏହା ସତରେ ଘଟୁଛି। ଯେମିତି ସୂର୍ଯ୍ୟ ଚାରିପଟେ ପୃଥିବୀ ଘୁରିବା ବିଜ୍ଞାନସମ୍ମତ, ଠିକ ସେହିପରି ବିଶ୍ୱ ଉଷ୍ମାୟନ ଏବଂ ତା ସହିତ ଯୋଡ଼ା ଶରଣାର୍ଥୀ ସମସ୍ୟା ବି ବିଜ୍ଞାନସମ୍ମତ। ଆପଣଙ୍କ ସହଯୋଗ ପାଇଁ ବହୁତ ଧନ୍ୟବାଦ ପ୍ରଫେସର ଜିତେନ୍ଦ୍ର। ମୁଁ ସବୁ ଅଂଶଗ୍ରହଣକାରୀ, ସହାୟକ ଅନୁଷ୍ଠାନ ଏବଂ ମାର୍ଗଦର୍ଶକ ଶିକ୍ଷକଙ୍କୁ ଧନ୍ୟବାଦ ଦେଉଛି। ମୋ ହାତରେ ଏବେ ଫଳାଫଳ। ଏଥିରେ ଜିତିଛନ୍ତି.... ଜିତିଛନ୍ତି.... ସୋନି। ତାଙ୍କୁ ତାଳି ଦେଇ ସମ୍ମାନିତ କରିବା। ସୋନି ବହୁତ ବହୁତ ଧନ୍ୟବାଦ। ବହୁତ ଭଲ କରିଛ। (ତାଳି ଶବ୍ଦ)

ପ୍ରଭା: ବାହାରେ ଚା ରହିଛି। ସମସ୍ତଙ୍କୁ ଅନୁରୋଧ ଏଥିରେ ସାମିଲ ହେବା ପାଇଁ।